# ଅତିଥି

ଶ୍ରୀ ଦୀନବନ୍ଧୁ ସାହୁ

ପାଦ ଯଦି ଫୁଲଠୁ କୋମଳ,
ତେବେ କ'ଣ ଲାଭ ହେଇ ଗୋଡ଼ି ଓ ପଥର ?
ସଡ଼କରେ ପଡ଼ି ରହିଥିବା ହସ ହସ ଧୂଳି, ମୁଁ...
ମହାଶୟ, ନିଶ୍ଚିତ ପାଦ ପକାନ୍ତୁ
ପଥ ସୁଗମ ଏଥର !

ଜଳ ଯଦି ଧୂଳିଠୁ ନିର୍ମଳ ତରଳ,
ତେବେ କାହିଁକି ଏ ଧୂଳି ଧୂସରିତ ଶ୍ରୀଅଂଗ ?
ଆକାଶରୁ ଝରି ପଡୁଥିବା ସ୍ୱଚ୍ଛ ଜଳଧାର, ମୁଁ
ଆସନ୍ତୁ, ଧୋଇ ଧାଇ ସଫା କରିଦେବି
ସେ ସମର୍ଥ ଦେହ !

ମନ ଯଦି ହୃଦର ଜ୍ୱଳନ,
ତେବେ ନିଆଁ ପାଣିର ଖେଳ ଆଉ କେତେ ଦିନ ?
ସାରା ତନୁବଲ୍ଲରୀରେ ବୋଳା ହରିଚନ୍ଦନ, ମୁଁ
ଏବେ ଭୋଗନ୍ତୁ, ଆତ୍ମାର-
ଶୀତଳ ଦହନ !

ମହାଶୟ,
ଏତେ ପରେ ବି କାହିଁକି
ବୁଝି ହେଲାନି ଆପଣଙ୍କୁ ?
ସୋରିଷ ଫୁଲରେ ଲୁଚି ରହିଥିବା
ଏ ସୁନା ପାହାଚକୁ ?

ଏଣୁ, ହେ ଜୀବନ୍ ମୃତ ଅତିଥି !
ଜାଣେ, ଯା'ର ଉତ୍ତର କେବଳ
ସ୍ୱୟଂ ଆପଣ; ଯିଏ କଢ଼ମାନଙ୍କ ଶୋକ
ଓ ଝରାପତ୍ରର ଡ଼ାକ ଶୁଣି ଶୁଣି
ଜଣେ ଅଚିହ୍ନା ବାଟୋଇ ପରି, ତର ତର
ବାହୁଡ଼ି ଯାଆନ୍ତି ନିଜଘର !!

❏❏❏

ବଳଭଦ୍ର ଲେନ୍
ପୁରୀ - ୧

# ପୁରାଣ ପୃଷ୍ଠାରେ ଅତୀତ

ଶକୁନ୍ତଳା ଆଚାର୍ଯ୍ୟ

ଯେଉଁ ଦିନ ବାଲିରଥ ଗଢ଼ିଥିଲା-
ସମୁଦ୍ର ପନ୍ତାରେ ଭକ୍ତ
ସିଂହଦ୍ୱାର ସମ୍ମୁଖରୁ
ତୋ ରଥ ଚଳିଲାନି
ଟିକିଏ ଆଗକୁ....

ଅନେକ ଟାଣିଲେ ରଥର ଦଉଡ଼ି
ଜନ ସମୁଦ୍ରର, ଆକୁଳ ପ୍ରାର୍ଥନା
ଅଚଳ ମହାମେରୁ ସାଜି...
ନିଶ୍ଚଳ ତୁ ହୋଇଗଲୁ ଏକମାତ୍ର
ଭକ୍ତର କରୁଣ ଦୁଃଖରେ
କେମିତି ଯିବ ତୋ ରଥ
ଦେଖିବି, ଦେଖିବି ??
ବେଶ୍ୟାସକ୍ତ କହି,
ସେବାୟତ ସବୁ ତଣ୍ଡିଆ ମାରିଲେ,
ମୋ ପାପ ପାଇଁ-
ମୋ ଅନୁତାପ କ'ଣ
ଯଥେଷ୍ଟ ନ ଥିଲା, ଏତେ ଅପମାନ ଦେଲୁ;
ସେ ଦିନ ଅଟକି ଯାଇଥିଲା ରଥ ।

ଅନ୍ୟଜଣେ ଯବନ ଭକତ
ସେ ଦିନ ମଧ ଅଟକି ଯାଇଥିଲା ରଥ
ନିବେଦନ ଥିଲା
ମୁଁ ଶ୍ରୀକ୍ଷେତ୍ରରେ ପହଞ୍ଚିବା ଯାଏଁ
ତୁ ରଥରେ ବସିଥିବୁ ।

ଏହି ଭଳି ସତ୍ୟର ପ୍ରମାଣ, ଯୁଗାନ୍ତର ଲୀଳା
ଯବନ ଭକ୍ତର ସେଇ ସଙ୍ଗୀତ ମୂର୍ଚ୍ଛନା
ଅଗଣିତ ଜନମାନସରେ
ଚମକ ଲଗାଇ ଦିଏ-
ଝଙ୍କାରିତ ହୁଏ ମୁଖେ 'ଆହେ ନୀଳ ଶଇଳ'
ଭରିଯାଏ ପ୍ରାଣେ, ଭକ୍ତିର ଚେତନା
ଭକ୍ତିର ଚେତନା ।

❏❏❏

ଖାକି ମଠ ସାହି,
ପୁରୀ - ୨